
## କେନ୍ଦ୍ର ସାହିତ୍ୟ ଏକାଡେମୀ ବାଲ୍ ସାହିତ୍ୟ ପୁରସ୍କାର ଓ ଯୁବ ସାହିତ୍ୟ ପୁରସ୍କାର ଘୋଷଣା

# ଦିଲ୍ଲୀପ ବେହେରାଙ୍କୁ ଯୁବ ସାହିତ୍ୟ ପୁରସ୍କାର

ଭୁବନେଶ୍ୱର,୨୪।୮ (ସମିସ): ୨୦୨୨ ମସିହା ପାଇଁ କେନ୍ଦ୍ର ସାହିତ୍ୟ ଏକାଡେମୀ ପକ୍ଷରୁ ବାଲ ପୁରସ୍କାର ନିମନ୍ତେ ୨୨ ଜଣ ଏବଂ ଯୁବ ପୁରସ୍କାର ପାଇଁ ୨୩ଜଣ ଲେଖକଙ୍କ ନାମ ଘୋଷଣା କରାଯାଇଛି। କ୍ଷୁଦ୍ର ଗଳ୍ପ ପୁସ୍ତକ 'ଲଣ୍ଠନ' ପୁସ୍ତକ ପାଇଁ ଦିଲ୍ଲୀପ ବେହେରାଙ୍କୁ ମିଳିବ ଯୁବ ସାହିତ୍ୟ ପୁରସ୍କାର। ଏହାସହିତ ବରିଷ୍ଠ ଶିଶୁ ସାହିତ୍ୟିକ ତଥା ବିଜେବି କଲେଜର ପୂର୍ବତନ ଅଧ୍ୟକ୍ଷ ନରେନ୍ଦ୍ର ପ୍ରସାଦ ଦାସ 'କୋଳାହଳ ନା ହଳାହଳ' ପୁସ୍ତକ ପାଇଁ 'ସାହିତ୍ୟ ଏକାଡେମୀ ବାଲ ସାହିତ୍ୟ ପୁରସ୍କାରରେ ପୁରସ୍କୃତ ହେବେ। ଏଥିପାଇଁ ସେମାନଙ୍କୁ ୫୦ହଜାର ଟଙ୍କାର ଅର୍ଥରାଶି ସହିତ ମାନପତ୍ର ପ୍ରଦାନ କରାଯିବ। କେନ୍ଦ୍ର ସାହିତ୍ୟ ନୂଆଦିଲ୍ଲୀଠାରେ ଏକାଡେମୀର ସଭାପତି ପଦ୍ମଭୂଷଣ ଚନ୍ଦ୍ରଶେଖର କମ୍ବରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ବୈଠକରେ ଏହି ନିଷ୍ପତ୍ତି ନିଆଯାଇଛି। ଏଥିରେ ଉପସଭାପତି ମାଧବ କୌଶିକ, ସଚିବ କେ. ଶ୍ରୀନିବାସ ରାଓ, ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ



ଦିଲ୍ଲୀପ ବେହେରା



ନରେନ୍ଦ୍ର ପ୍ରସାଦ ଦାସ

### ବାଲ୍ ସାହିତ୍ୟରେ ନରେନ୍ଦ୍ର ପ୍ରସାଦ ଦାସ

ଡକ୍ଟର ବିଜୟାନନ୍ଦ ସିଂହଙ୍କ ସମେତ ୨୪ଟି ଭାଷାର ଆବାହକମାନେ ଉପସ୍ଥିତ ଥିଲେ। ନଭେମ୍ବର ୧୪ତାରିଖ ନୂଆଦିଲ୍ଲୀଠାରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ବାଲ ସାହିତ୍ୟ ପୁରସ୍କାର-୨୦୨୨ ପ୍ରଦାନ କରାଯିବ। ପ୍ରତି ଭାଷାରେ ୩ ଜଣିଆ ବିଚାରକଙ୍କ ଦ୍ୱାରା ପୁସ୍ତକ ମନୋନୟନ ପରେ ପୁରସ୍କାର ଘୋଷଣା ହୋଇଥିଲା। ଏକାଡେମୀ ପୁରସ୍କାର ନିୟମ ଅନୁଯାୟୀ କାର୍ଯ୍ୟକାରୀ ପରିଷଦ ପୁରସ୍କାର ଘୋଷଣା କରିଥିଲା। ବିଚାରକଙ୍କ ଦ୍ୱାରା ପୁରସ୍କାରଗୁଡ଼ିକ ସର୍ବସମ୍ମତି କ୍ରମେ ଅଥବା ସର୍ବାଧିକ ଭୋଟ୍ ମାଧ୍ୟମରେ ମନୋନୟନ କରାଯାଇଥିଲା। ବାଲ୍ ସାହିତ୍ୟ ପୁରସ୍କାର ପାଇଁ ୨୦୧୬ ମସିହା ୧ ଜାନୁଆରୀରୁ ୨୦୨୦ ମସିହା ଡିସେମ୍ବର ୩୧ ତାରିଖ ମଧ୍ୟରେ ପ୍ରକାଶିତ ପୁସ୍ତକକୁ ନିଆଯାଇଥିଲା। ଓଡ଼ିଆ ଭାଷା ପାଇଁ ବିଚାରକ ଭାବେ ପ୍ରଫେସର ଆଦିକନ୍ଦ ସାହୁ, ଡ. ପ୍ରଫୁଲ୍ଲ କୁମାର ମହାନ୍ତି ଓ ଗାୟତ୍ରୀ ସରାଫ ରହିଥିଲେ। ଯୁବ ସାହିତ୍ୟ ପୁରସ୍କାରରେ ଓଡ଼ିଆ ଭାଷା ପାଇଁ ବିଚାରକ ଭାବେ ଭଗବାନ ଜୟସିଂହ, ଡ. ଗାୟତ୍ରୀବାଳା ପଣ୍ଡା ଓ ଦେବବ୍ରତ ମଦନରାୟ ରହିଥିଲେ। ଓଡ଼ିଆ ଉପଦେଷ୍ଟା ମଣ୍ଡଳୀର ଆବାହକ ଡ. ସିଂହ ଡ. ନରେନ୍ଦ୍ର ପ୍ରସାଦ ଦାସ ଓ ଦିଲ୍ଲୀପ ବେହେରାଙ୍କୁ ଅଭିନନ୍ଦନ ଜଣାଇଛନ୍ତି।